# ସମସ୍ୟା ସମାଧାନ ନ ହେଲେ ଭୋଟ ବର୍ଜନ

## ମାଗ୍‌ତାଡ଼ିହି ଗାଁରେ ବିକାଶ ଅପହଞ୍ଚ

ସାରସକଣା,୧୮।୧(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଭୁଞ୍ଜଭାଣି ପଞ୍ଚାୟତ ଅନ୍ତର୍ଗତ ମାଗ୍‌ତାଡିହି ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ପ୍ରଶାସନିକ ଅବହେଳା କାରଣରୁ ଆଦିବାସୀ ଅଧ୍ୟୁଷିତ ଏହି ଗାଁରେ ବିକାଶ ଅପହଞ୍ଚ ହୋଇରହିଛି। ଏଠାରେ ବସବାସ କରୁଥିବା ପ୍ରାୟ ୨୫ଟି ପରିବାର ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ଓ ବିଦ୍ୟୁତ୍ ସେବା ଭଳି ମୌଳିକ ସୁବିଧା ପାଇପାରୁ ନାହାନ୍ତି। ଭଲ ରାସ୍ତା ଖଣ୍ଡେ ନ ଥିବାରୁ ଜରୁରୀକାଳୀନ ସମୟରେ ଆମ୍ବୁଲାନ୍ସ ଓ ଦମକଳ ଗାଡ଼ି ଗାଁ ଭିତରକୁ ପଶିପାରେ ନାହିଁ। ଏନେଇ ଗ୍ରାମବାସୀ ଅନେକଥର ଜିଲା ପ୍ରଶାସନଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳି ପାରିନାହିଁ। ଗାଁରେ ଲାଗି ରହିଥିବା ସମସ୍ୟାର ତୁରନ୍ତ ସମାଧାନ ନ ହେଲେ ପଞ୍ଚାୟତ ନିର୍ବାଚନରେ ଭୋଟବର୍ଜନ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟଠାରୁ ପ୍ରାୟ ୮କି.ମି ଦୂର ଏହି ଗାଁକୁ ଆସିବାକୁ ହେଲେ ନୁହାମାଳିଆ ଓ ଖଡିଆଶୋଳ ଗାଁ ବାଟେ କଚ୍ଚା ରାସ୍ତା ଦେଇ ଜଙ୍ଗଲ ପାରିହେବାକୁ ପଡ଼ିଥାଏ। କମ୍ ସଂଖ୍ୟକ ଛାତ୍ରଛାତ୍ରୀ ଥିବା କାରଣରୁ ଏହି ଗ୍ରାମରେ ଖୋଲା ଯାଇଥିବା ପ୍ରାଥମିକ ବିଦ୍ୟାଳୟ ଦୁଇ ବର୍ଷ ହେଲା ବନ୍ଦ ରହିଛି। ଗ୍ରାମରୁ ୫କି.ମି. ଦୂରରେ ସରକାରୀ ପ୍ରାଥମିକ ବିଦ୍ୟାଳୟ ଏବଂ ଅଙ୍ଗନୱାଡି କେନ୍ଦ୍ର ରହିଥିଲେ ମଧ୍ୟ ଏତେ ଦୂରକୁ ଯାତାୟତ ସମ୍ଭବ ହୋଇପାରୁ ନ ଥିବାରୁ ପିଲାମାନେ ସେଠାକୁ ପଢ଼ିବାକୁ ଯାଇ ପାରୁନାହାନ୍ତି। ଗ୍ରାମର ଅଧିକାଂଶ ଲୋକ ଦିନ ମଜୁରିଆ। ସକାଳେ କାମକୁ ଯାଇ ସନ୍ଧ୍ୟାରେ ଫେରନ୍ତି। ଫଳରେ ପିଲାମାନଙ୍କୁ ସ୍କୁଲ କିମ୍ବା ଅଙ୍ଗନୱାଡି ନେଇ ଛାଡ଼ି ପାରନ୍ତି ନାହିଁ ବୋଲି ଗ୍ରାମର ମଙ୍ଗଳସିଂ,ଦଶରଥ ସିଂ,ରାମ ସିଂ ଓ ସର୍ବେଶ୍ୱର ସିଂ ପ୍ରମୁଖ କହିଛନ୍ତି। ପାଇପ ଜଳ ଯୋଗାଣ ବ୍ୟବସ୍ଥା କରାଯାଇ ନ ଥିବାରୁ ଗ୍ରାମର ମହିଳାମାନେ ଏବେବି ଚୁଆ ଖୋଳି ପିଇବା ପାଣି ସଂଗ୍ରହ କରୁଛନ୍ତି। ପିଲାଙ୍କ ଶିକ୍ଷାଦାନ ସମ୍ପର୍କରେ ସାରସକଣା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରିଣୀ ରାସମଣି ନାଏକଙ୍କୁ ପଚାରିବାରୁ ଏହି ବ୍ଲକରେ ମୁଁ ନୂତନ ଭାବେ ଯୋଗଦେଇଛି। ତେଣୁ ଏବିଇଓଙ୍କୁ ପଚାରିଲେ ସେ ଏବାବଦରେ କହିପାରିବେ ବୋଲି ସେ କହିଛନ୍ତି। ବିଡିଓ କରୁଣାକର ଧିଣ୍ଡାଙ୍କୁ ପଚାରିବାରୁ ପାନୀୟଜଳ ଏବଂ ରାସ୍ତା ପାଇଁ ମୁଁ ପଦକ୍ଷେପ ନେବି ଏବଂ ପିଲାମାନଙ୍କ ଶିକ୍ଷାଦାନ ବାବଦରେ ଏବିଇଓଙ୍କୁ କହି ବ୍ୟବସ୍ଥା କରିବି ବୋଲି ପ୍ରକାଶ କରିଛନ୍ତି।



ବନ୍ଦ ଥିବା ମାଗ୍‌ତାଡିହି ପ୍ରାଥମିକ ବିଦ୍ୟାଳୟ।

## ସଂକ୍ଷେପରେ

### ପଳସା ମଠରେ ବ୍ରହ୍ମ ଏକାକ୍ଷର ଯଜ୍ଞ



ଖଇରା,୧୮।୧(ଡି.ଏନ.ଏ.): ବିଶ୍ୱ କଲ୍ୟାଣ ନିମନ୍ତେ ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପଳସା ମଠରେ ୧୪ରୁ ୧୬ ପର୍ଯ୍ୟନ୍ତ ୩ଦିନ ଧରି ବ୍ରହ୍ମ ଏକାକ୍ଷର ଯଜ୍ଞ ପାଳିତ ହୋଇଯାଇଛି। ଭାରତୀ ମହାନ୍ତି, ଆୟେଷା ମହାନ୍ତି, ଅଭିମନ୍ୟୁ ମହାନ୍ତି, ପ୍ରଦୀପ ବେହେରା, ପୂର୍ଣ୍ଣିମା ବେହେରାଙ୍କ ଦ୍ୱାରା କଳସ ଅଣାଯାଇଥିଲା। ମଠର ମହନ୍ତ ଗଙ୍ଗାଧର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୩ଦିନ ଧରି ଯଜ୍ଞକର୍ମ ସମ୍ପନ୍ନ ହୋଇଥିଲା। ସନ୍ଧ୍ୟାରେ ଭାଗବତ ଚର୍ଚ୍ଚା, ଗୀତାପାଠର ଆୟୋଜନ କରାଯାଇଥିଲା। ଅନ୍ତିମ ଦିବସରେ ବୁଢ଼ାବୁଢ଼ୀ ଅସହାୟଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ନାରାୟଣ ବେହେରା, ଭାଗିରଥି ସାହୁ, ମଣିଭଦ୍ର ସେଠୀଙ୍କ ସମେତ ସମସ୍ତ ପଳସା ଗ୍ରାମବାସୀ ୩ଦିନିଆ ଯଜ୍ଞ ପରିଚାଳନାରେ ସହଯୋଗ କରିଥିଲେ।

### ଭୋଟର ତାଲିକାରେ ନାଁ ନ ଥିବାରୁ ଧାରଣା ଜାରି

ଚାନ୍ଦବାଲି, ୧୮।୧(ଡି.ଏନ.ଏ.): ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଆରଡ଼ି ପଞ୍ଚାୟତର ଭାଜପା ଦଳର ସମର୍ଥିତ ମହିଳା ସରପଞ୍ଚ ପାର୍ଥୀ ସସ୍ମିତା ପାଢ଼ୀଙ୍କ ସହ ତାଙ୍କ ସ୍ୱାମୀ ସମର ପାଢ଼ୀଙ୍କ ପରିବାରର ୪୦ ଜଣ ଭୋଟରଙ୍କ ନାମ ଭୋଟର ତାଲିକାରେ ଉଦ୍ଦେଶ୍ୟ ମୂଳକ ଭାବେ କଟାଯିବା ନେଇ ଭାଜପା ପକ୍ଷରୁ ମଙ୍ଗଳବାର ଦ୍ୱିତୀୟ ଦିନ ଧାରଣା ଜାରି ରହିଛି। ଏନେଇ ଜିଲାପାଳ ତ୍ରିଲୋଚନ ମାଝୀଙ୍କୁ ପଚାରିବାରୁ ବ୍ଲକ ପ୍ରଶାସନ ଟେକ୍ନିକାଲ ସମସ୍ୟା ପାଇଁ ୪୦ଜଣ ଲୋକଙ୍କ ନାମ ଭୋଟର ତାଲିକାରୁ କଟିଯାଇଛି। ଅଭିଯୋଗ ପରେ ଜିଲା ପ୍ରଶାସନ ପକ୍ଷରୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ଜଣାଯାଇଛି। ଖୁବଶୀଘ୍ର ଘଟଣାର ସମାଧାନ ହେବ ବୋଲି ସେ କହିଛନ୍ତି।

### ଟାଇଲ ଖୋଲି ୪୦ ହଜାର ଲୁଟ୍

ପାଟଣା, ୧୮।୧(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ଥାନା ସାହାରପଡା ସ୍ଥିତ ବଜାର ଉପରେ ଥିବା କ୍ରୀଷ୍ଣା ଔଷଧ ଦୋକାନର ଟାଇଲ ଖୋଲି ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ଦୋକାନ ଡ୍ରରେ ଥିବା ୪୦ ହଜାର ଟଙ୍କା ଲୁଟି ନେଇଥିବା ଦୋକାନ ମାଲିକ ପଦ୍ମଲୋଚନ ମହାନ୍ତ ମଙ୍ଗଳବାର ସାହାରପଡା ଫାଣ୍ଡି ରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଫାଣ୍ଡି ଅଧିକାରୀ ଶିବ ପ୍ରସାଦ ଆଇଚ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି।

### ଗାଡ଼ି ଧକ୍କାରେ ଦମ୍ପତି ମୃତ

ଆନନ୍ଦପୁର, ୧୮।୧(ସ୍ୱ.ପ୍ର.): ଭଦ୍ରକ-କରଞ୍ଜିଆ ୫୩ ନଂ ରାଜ୍ୟ ରାଜପଥ ଆନନ୍ଦପୁର ଥାନା ଅନ୍ତର୍ଗତ ଗୋଲାବନ୍ଧ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଗାଡ଼ି ଧକ୍କାରେ ଦମ୍ପତିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଆନନ୍ଦପୁର ଥାନା ଗୋହିରାବଣି ଗ୍ରାମର ରୁଷିଆ ଶଙ୍ଖୁଆଳ ଏବଂ ତାଙ୍କ ସ୍ତ୍ରୀ କଳାବତୀ। ସେମାନେ ହାଟରୁ ସଉଦା କିଣି ଘରକୁ ଫେରୁଥିବାବେଳେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଭୟଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ବନ୍ଧୁକ ଦେଖାଇ ଲୁଟ

ବାରିପଦା ଅଫିସ/ କୁଆମରା, ୧୮।୧ (ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ପୁରୁଣା ବାରିପଦା-ପଶୁଦା ରାସ୍ତାର ନାଲୁହା ନଦୀ କୂଳରେ ଥିବା ଦେଶୀ ମଦ ଭାଟିରୁ ମଙ୍ଗଳବାର ସନ୍ଧ୍ୟାରେ ଲୁଟ ହୋଇଛି। ୩ ଲୁଟେରା ସେଠାରେ ଥିବା କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ କାଉଣ୍ଟର ଟଙ୍କା ବାକ୍ସକୁ ନେଇ ପଳାଇ ଯାଇଛନ୍ତି। ଏହି ବାକ୍ସରେ ପ୍ରାୟ ୭ ହଜାର ଟଙ୍କା ଥିବା ଅଭିଯୋଗ ହୋଇଛି। ଖବରପାଇ କୁଆମରା ଫାଣ୍ଡି ଅଧିକାରୀ ବି.ବି.ସ୍ୱାଇଁ ସଦଳବଳେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସେହିପରି ବେତନଟୀ ଥାନା ଅଧୀନ ତୁଳସୀଚଉରା ସ୍ଥିତ ଏକ ଅଟୋ ପାର୍ଟ୍ସ ଦୋକାନରୁ ସୋମବାର ରାତି ସାଢ଼େ ୭ଟାରେ ବନ୍ଧୁକ ଦେଖାଇ ଦୁର୍ବୃତ୍ତମାନେ ଲୁଟ କରିଥିବା ଅଭିଯୋଗ ହୋଇଛି।

## ସୁନା ଦୋକାନରେ ଚଢ଼ାଉ

### ଜିଏସ୍‌ଟି ଠକେଇ ଅଭିଯୋଗ

ଉଦଳା,୧୮।୧(ଡି.ଏନ.ଏ.)

ଜିଏସ୍‌ଟି ଠକେଇ ଅଭିଯୋଗରେ ମଙ୍ଗଳବାର ମୟୂରଭଞ୍ଜ ଜିଲା ଉଦଳା ସ୍ଥିତ ବିଜୟ ଜୁଏଲେରୀରେ କମର୍ସିଆଲ ଟ୍ୟାକ୍ସ ଏବଂ ଜିଏସ୍‌ଟିର ଏନ୍‌ଫୋର୍ସମେଣ୍ଟ ଟିମ୍ ଚଢ଼ାଉ କରିଥିଲା। ବାରିପଦା ଏବଂ ବାଲେଶ୍ୱରରୁ ଆସିଥିବା ଏହି ୭ଜଣିଆ ମିଳିତ ସ୍କ୍ୱାଡ୍ ଦୀର୍ଘ ସମୟ ଧରି ଚଢ଼ାଉ ପରେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରି ଫେରିଥିବା ସୂଚନା ମିଳିଛି। ତେବେ ଉକ୍ତ ଜୁଏଲେରୀରେ ଚଢ଼ାଉ ହେଉଥିବା ସୂଚନା ପାଇ ନିକଟରେ ଥିବା ଅନ୍ୟ ସମସ୍ତ ଗହଣା ଦୋକାନ ବନ୍ଦ ହୋଇଯାଇଥିବା ଦେଖିବାକୁ ମିଳିଥିଲା। ଯାଞ୍ଚ ପରେ କେତେ ଲକ୍ଷ ଟଙ୍କାର ଜିଏସ୍‌ଟି ଠକେଇ ହୋଇଛି ତାହା ଜଣାପଡ଼ିବ ବୋଲି ସ୍ପେଶାଲ୍ ସ୍କ୍ୱାଡ୍‌ର ଜଣେ ଅଧିକାରୀ କହିଛନ୍ତି।

## ଜାତୀୟ ଯୁବ ସପ୍ତାହରେ ଶାନ୍ତି ପଦଯାତ୍ରା




ବାହାରି ଥିବା ଶାନ୍ତି ପଦଯାତ୍ରା।

ବାଲେଶ୍ୱର ଅଫିସ, ୧୮।୧

ବାଲେଶ୍ୱର ସଦର ବ୍ଲକ ରଣସାହିଠାରେ ନେହେରୁ ଯୁବକେନ୍ଦ୍ର ସହଯୋଗରେ 'ମୁନ୍ କମ୍ୟୁନିକେଶନ' ତରଫରୁ ଜାତୀୟ ଯୁବ ସପ୍ତାହ ପାଳିତ ହୋଇଛି। ମୁନ୍ କମ୍ୟୁନିକେଶନ ସମ୍ପାଦକ ଅବନୀ କୁମାର ଜେନା ପୌରୋହିତ୍ୟ କରିଥିଲେ। ଅତିଥି ଭାବେ ଉମାକାନ୍ତ ଚଣ୍ଡ ଯୋଗଦେଇ ସ୍ୱାମୀ ବିବେକାନନ୍ଦ ଯୁବକମାନଙ୍କ ଆଦର୍ଶର ଉତ୍ସ ବୋଲି ପ୍ରକାଶ କରିଥିଲେ। ନେହେରୁ ଯୁବକେନ୍ଦ୍ରର ଜାତୀୟ ଯୁବ ସ୍ୱେଚ୍ଛାସେବୀ ପ୍ରିତବାସନ ପରିଡ଼ା ସ୍ୱାମିଜୀଙ୍କ ବାଣୀ ଆମ ଯୁବକମାନଙ୍କ ପ୍ରେରଣା ହେବା ଉଚିତ୍ ବୋଲି ମତ ରଖିଥିଲେ। ସଦର ବ୍ଲକର ୨୦ ଯୁବ ଅନୁଷ୍ଠାନର ସଦସ୍ୟମାନେ ଶାନ୍ତି ପଦଯାତ୍ରାରେ ବାହାରିଥିଲେ। କାର୍ଯ୍ୟକ୍ରମକୁ ଭାଗବତ ଚଣ୍ଡ, ପ୍ରଫୁଲ୍ଲ ବିଶ୍ୱାଳ, ସଞ୍ଜୟ କୁମାର ଦାସ ଓ ସତ୍ୟଭାମା ବିନ୍ଧାଣୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## କଟକଣାରେ ହେବ ସାଧାରଣତନ୍ତ୍ର ଦିବସ ପାଳନ

ବାଲେଶ୍ୱର ଅଫିସ, ୧୮।୧

ବାଲେଶ୍ୱର ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଲାଗି ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରିଥିଲେ। ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସ୍ଥାନୀୟ ପୋଲିସ ପଡିଆଠାରେ ଅନୁଷ୍ଠିତ ହେବାକୁ ଥିବା ବେଳେ ଦିବସର ମୁଖ୍ୟଅତିଥି ଜାତୀୟ ପତାକା ଉତ୍ତୋଳନ କରିବେ। ଚଳିତବର୍ଷ ସାଧାରଣତନ୍ତ୍ର ଦିବସ ସମାରୋହରେ କେବଳ ପୋଲିସ ବାହିନୀ ଅଂଶଗ୍ରହଣ କରିବେ। ସ୍ୱରାଷ୍ଟ୍ର ବିଭାଗର ମାର୍ଗଦର୍ଶିକା ଅନୁଯାୟୀ କୋଭିଡ୍ ଯୋଦ୍ଧାଙ୍କ ସମେତ ସୀମିତ ସଂଖ୍ୟକ ଅତିଥିଙ୍କୁ ଏହି ସମାରୋହକୁ ନିମନ୍ତ୍ରଣ କରାଯିବ। ପାଳନ ବେଳେ କୋଭିଡ ନିୟମ କଡାକଡି କରାଯିବ। ଜନସାଧାରଣଙ୍କୁ ଏହି ଉତ୍ସବରେ ସାମିଲ କରାଯିବ ନାହିଁ। ପଡ଼ିଆ ମଧ୍ୟରେ ସାମାଜିକ ଦୂରତ୍ୱ ବଜାୟ ରଖିବା ସହ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଅନଲାଇନ ପ୍ରବନ୍ଧ, କୁଇଜ୍ ପ୍ରତିଯୋଗିତା ଆୟୋଜନ କରିବା ନିମନ୍ତେ ସ୍ଥିରୀକୃତ ହୋଇଛି। ବୈଠକରେ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ଡିଏସ୍‌ପି ମାନସ କୁମାର ଦେଓଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବଳାତ୍କାରୀଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ

ବାରିପଦା ଅଫିସ,୧୮।୧

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ମଙ୍ଗଳବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସୁମିତା ଜେନା ଏହାର ବିଚାର କରି ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହିତ ୧୦ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଏତଦ୍‌ବ୍ୟତୀତ ପୀଡ଼ିତାଙ୍କ ପରିବାରକୁ କ୍ଷତିପୂରଣ ବାବଦରେ ୩ଲକ୍ଷ ଟଙ୍କା ଆଇନ ସହାୟତା କର୍ତ୍ତୃପକ୍ଷ ପୈଠ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଅନୁଯାୟୀ, ବଡ଼ସାହି ଥାନା ଅଞ୍ଚଳର ଜନୈକା ନାବାଳିକା ୨୦୧୫ ଡିସେମ୍ବର ୨୬ରେ ନିକଟସ୍ଥ ପୋଖରୀକୁ ଶୌଚ ପାଇଁ ଯାଇଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ସନ୍ୟାସୀ ନାଏକ ବଳପୂର୍ବକ ତାଙ୍କୁ ବଳାତ୍କାର କରିଥିଲେ। ଏନେଇ ପୀଡ଼ିତାଙ୍କ ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ବଡ଼ସାହି ଥାନା ପୋଲିସ ଏକ ମାମଲା(ନଂ.୧୩୨/୧୫) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ୧୦ଜଣ ସାକ୍ଷୀ, ଡାକ୍ତରୀ ରିପୋର୍ଟ ଓ ପୋଲିସର ତଦନ୍ତ ରିପୋର୍ଟକୁ ଭିତ୍ତି କରି ଜଜ୍ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରୀ ଆଇନଜୀବୀ ଅଭିନ୍ନ କୁମାର ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ ।

## ଅବକାରୀ ଚଢ଼ାଉ, ୩ ଗିରଫ

ସୋର, ୧୮।୧(ଡି.ଏନ.ଏ.)

ସୋର ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ବିଭିନ୍ନ ସ୍ଥାନରେ ମିଳିତ ଚଢ଼ାଉ କରାଯାଇ ଦେଶୀ ମଦ ଜବତ କରାଯିବା ସହ ୩ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସୋର ଅବକାରୀ ଅଧୀକ୍ଷକ ଲକ୍ଷେ ସାଧବ ପ୍ରଧାନ, ନୀଳଗିରି ଅବକାରୀ ରେଞ୍ଜ ଆଇଆଇସି ନାରାୟଣ ବେହେରା ଏବଂ ଖଇରା ଅବକାରୀ ଅଧିକାରିଣୀ କଳ୍ପନା ଜେନାଙ୍କ ନେତୃତ୍ୱରେ ଏକ ଟିମ୍ ସକାଳେ ମଧୁସୂଦନପୁର ପଞ୍ଚାୟତ ନହରପଦା ଗ୍ରାମରେ ଚଢ଼ାଉ କରି ବୁଦ୍ଧିରାମ ସାହୁଙ୍କ ନିକଟରୁ ୨୫ଲିଟର, ସେହି ଗ୍ରାମର ଶଙ୍କର୍ଷଣ ବେହେରା ନିକଟରୁ ୨୧ ଲିଟର ଏବଂ ବରଜଦେଉଳି ଗ୍ରାମର ରଞ୍ଜନ ବିଶ୍ୱାଳ ନିକଟରୁ ୬ ଲିଟର ମହୁଲି ମଦ ଜବତ କରିବା ସହିତ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ୩ ଅଭିଯୁକ୍ତଙ୍କ ମଧ୍ୟରୁ ରଞ୍ଜନଙ୍କ କୋଭିଡ ପଜିଟିଭ ରିପୋର୍ଟ ଆସିଥିବାରୁ ଅବକାରୀ କର୍ମଚାରୀଙ୍କ ମଧ୍ୟରେ କୋକୁଆ ଭୟ ଖେଳିଯାଇଛି। ଚଢ଼ାଉରେ ଉର୍ମିଳା ବେହେରା, ମୀନତି ଜେନା, ତପନ ମଲ୍ଲିକ ଓ ବିଜୟ ମଲ୍ଲିକ ପ୍ରମୁଖ ସାମିଲ ଥିଲେ।

## ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ଭଦ୍ରକ ଅଫିସ, ୧୮।୧

ନେହେରୁ ଯୁବ କେନ୍ଦ୍ର ସଙ୍ଗଠନ ଭଦ୍ରକ ଆନୁକୂଲ୍ୟରେ ୧୫ ଓ ୧୬ ତାରିଖ ଦୁଇଦିନିଆ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲା ଆମେଚର୍ ଟାଏକୋଣ୍ଡୋ ସଂଘ ଏବଂ କଳିଙ୍ଗ କ୍ଲବ ଭଦ୍ରକ ସହାୟତାରେ ପ୍ରତିଯୋଗିତାଟି ପରିଚାଳିତ ହୋଇଥିଲା। ଏଥିରେ ଜିଲା ଟାଏକୋଣ୍ଡୋ ସଂଘର ସମ୍ପାଦକ ଚିନ୍ମୟ ବେହେରା ଏବଂ କଳିଙ୍ଗ କ୍ଲବର ସମ୍ପାଦକ ମନୋଜ କୁମାର ସାହୁ, ରେଫରୀ ସ୍ୱଦେଶ ରଞ୍ଜନ ରାଉତ, ଅପୁ ମଣ୍ଡଳ, ସ୍ମୃତିଶିଖା ସିଂହ, ସଞ୍ଜୟ ଭୋଇ, ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ତଥା ଟାଏକୋଣ୍ଡୋ, କବାଡ଼ି, ଆଥଲେଟିକ, ଫୁଟ୍‌ବଲ କ୍ରୀଡ଼ାକୁ ସୂଚାରୁ ରୂପେ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ସ୍ୱର୍ଣ୍ଣ, ରୌପ୍ୟ, ବ୍ରୋଞ୍ଜ ହାସଲ କରିଥିବା ପ୍ରତିଯୋଗୀ ମାନେ ଜିଲାସ୍ତରୀୟ ପ୍ରତିଯୋଗିତାକୁ ଉତ୍ତୀର୍ଣ୍ଣ ହୋଇଛନ୍ତି ବୋଲି ରଶ୍ମିଲତା ଧଳ, ରୋଜିତା ପଲ୍ ଏବଂ ପ୍ରଜ୍ଞାପରମିତା ଗିରି ନେହେରୁ ଯୁବ କେନ୍ଦ୍ର ସଙ୍ଗଠନର ଅଧିକାରୀ ଏବଂ ଜିଲା ଟାଏକୋଣ୍ଡୋ ସଂଘର ସମ୍ପାଦକ ବେହେରା ସୂଚନା ଦେଇଛନ୍ତି।

## ପୁଣି ରାଇବଣିଆରେ ହାତୀ ଆତଙ୍କ



ହାତୀ ଦ୍ୱାରା ନଷ୍ଟ ହୋଇଥିବା ଘର।

ଜଳେଶ୍ୱର, ୧୮।୧(ଡି.ଏନ.ଏ.)

ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧୀନ ରାଇବଣିଆ ଅଞ୍ଚଳରେ ଏକ ଦନ୍ତା ଜଣେ ବୃଦ୍ଧଙ୍କୁ କଚାଡି ମାରିବାର ୪ଦିନ ନ ପୂରୁଣୁ ପୁଣି ଥରେ ଆତଙ୍କ ଖେଳାଇଛି । ମଙ୍ଗଳବାର ଭୋର ସମୟରେ ଦନ୍ତା କଳମା ପଞ୍ଚାୟତର ପଥରଖୋଲ ଗ୍ରାମରେ ପଶି ତାଣ୍ଡବ ରଚିଥିଲା । ଏପରିକି ଗୋଡ଼ାଇବାରୁ ଲୋକମାନେ ଭୟଭୀତ ହୋଇ ଏଣେତେଣେ ଦୌଡିବାକୁ ଲାଗିଥିଲେ। ହାତୀ ୩ ଘରକୁ ଭଙ୍ଗାରୁଜା କରି ଧାନଚାଉଳ ଖାଇ ନଷ୍ଟ କରିବା ସହ ପରିବା ଫସଲ ନଷ୍ଟ କରି ଆମ୍ବତୁମ୍ବା ଜଙ୍ଗଲକୁ ପଳାଇଯାଇଥିଲା। ହାତୀଟି ଗାଁର ସୁଶାନ୍ତ ସିଂ, ବାସନ୍ତୀ ସିଂ ଓ ସୁଶୀଳା ସିଂଙ୍କ ଘର ଭାଙ୍ଗି ଦେଇଥିବା ଜଣାଯାଇଛି । ସନ୍ଧ୍ୟାରେ ହାତୀଟି ଆମ୍ବତୁମ୍ବା ଜଙ୍ଗଲରେ ବିଚରଣ କରୁଥିବାରୁ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି । ଅନ୍ୟପକ୍ଷରେ ସେ ଅଞ୍ଚଳର ଗୋପାଳକୃଷ୍ଣ ଗିରି, ଶ୍ରୀକାନ୍ତ ସିଂ, ରାଜୀବ ପ୍ରଧାନ, ସୂର୍ଯ୍ୟକାନ୍ତ ରଣା, ରାଜୀବ ଗିରି, କିଶୋର ସିଂ, ବିଜୟ ସିଂ ପ୍ରମୁଖ ହାତୀ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବାରୁ ସେମାନଙ୍କୁ ସହାୟତା ଯୋଗାଇବାକୁ ଦାବି ହୋଇଛି।

## ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

ପାଟଣା,୧୮।୧(ସ୍ୱ.ପ୍ର)

କେନ୍ଦୁଝର ଜିଲା ପାଟଣାସ୍ଥିତ କୁଣ୍ଡଳା ଏମ୍.କେ ହାଇସ୍କୁଲର ୨୦୦୭ ବ୍ୟାଚର ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ନେଇ ରବିବାର ମିରିଗିଖୋଜି ସ୍ଥିତ ବୈତରଣୀ ନଦୀକୂଳରେ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଛି। ଦୀର୍ଘ ଦିନ ପରେ ପରସ୍ପରକୁ ଏକାଠି ପାଇ ଖୁବ ଆନନ୍ଦିତ ହୋଇଛନ୍ତି। ଆୟୋଜିତ ବନ୍ଧୁ ମିଳନ ଉତ୍ସବରେ ପୂର୍ବତନ ଛାତ୍ର ପ୍ରଶାନ୍ତ କୁମାର ମହାନ୍ତ, ଲଳିତ କୁମାର ମହାନ୍ତ ଓ ରଞ୍ଜନ କୁମାର ମହାନ୍ତ ପ୍ରମୁଖଙ୍କ ନେତୃତ୍ୱରେ ଏହା ଅନୁଷ୍ଠିତ ହୋଇଛି।

## ଦୁର୍ଘଟଣା ପରେ ପ୍ରଶାସନର ଚେତା ପଶିଲା

କେନ୍ଦୁଝର, ୧୮।୧ (ସ୍ୱ.ପ୍ର.)

କେନ୍ଦୁଝର ସହର ରେ ବେଆଇନ ଭାବେ ରାସ୍ତା ଜବରଦଖଲ ଓ ବିପର୍ଯ୍ୟସ୍ତ ରାସ୍ତା ଯୋଗୁ ଦୁର୍ଘଟଣା ଘଟି ଧନଜୀବନ ହାନୀ ଘଟୁଥିଲେ ହେଁ ଏହାର ସ୍ଥାୟୀ ସମାଧାନ ହେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଗତ ଶନିବାର ସ୍ଥାନୀୟ ତେଲକୋଇ ବସଷ୍ଟପ ନିକଟ ଜାତୀୟ ରାଜପଥ ୪୯ରେ ଏକ ଟ୍ରେଲର ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ପରେ ରାସ୍ତା ରୋକୋ ଆନ୍ଦୋଳନ ଏହି ଅବ୍ୟବସ୍ଥାର ଆଖି ଖୋଲିଦେଇଛି । ଏହି କାରଣରୁ ବସ ଷ୍ଟପ ନିକଟରେ ରାସ୍ତା ଉପରେ ପୋତାଯାଇଥିବା ଖୁଣ୍ଟ ଉଠାଯାଇଥିବା ବେଳେ ଉକ୍ତ ସ୍ଥାନରେ ରାସ୍ତାକୁ ଅସ୍ଥାୟୀ ମରାମତି କରାଯାଇଛି। ସେହିପରି ରାସ୍ତାକଡ଼ରେ ବିନା ଆଲୋଚନା ଓ ଟେକ୍ନିକାଲ ପରାମର୍ଶରେ ନିର୍ମାଣ କରାଯାଉଥିବା ଭେଣ୍ଡିଂ ଜୋନ, ବିନା ପାର୍କିଂ ବ୍ୟବସ୍ଥାରେ ନିର୍ମାଣ ହେଉଥିବା ମାର୍କେଟ କମ୍ପ୍ଲେକ୍ସ ତଥା ବ୍ୟବସାୟିକ କୋଠା ଯୋଗୁ ରାସ୍ତା ସଙ୍କୁଚିତ ହୋଇ ଦୁର୍ଘଟଣା କାରଣ ହେଉଥିଲେ ହେଁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନଥିବାରୁ ଏଭଳି ଦୁର୍ଘଟଣା ପାଇଁ ପ୍ରଶାସନ ଦାୟୀ ବୋଲି ସହରବାସୀ ଅଭିଯୋଗ କରିଛନ୍ତି। ତେବେ ଟ୍ରାଫିକ ସମସ୍ୟା ଦୂର କରିବାକୁ ଦୃଢ ପଦକ୍ଷେପ ନିଆଯାଉଛି ବୋଲି ଏସଡିପିଓ ପି.ଜେ.ଟପୋ କହିଛନ୍ତି ।

## ଦ୍ୱିତୀୟ ଦିନରେ ୨୨୯୬ ନାମାଙ୍କନ ଦାଖଲ

### ବାଲେଶ୍ୱର ୫୩୮, ମୟୂରଭଞ୍ଜ ୬୫୦, ଭଦ୍ରକ ୭୦୭, କେନ୍ଦୁଝର ୪୦୧

ବାଲେଶ୍ୱର ଅଫିସ/ବାରିପଦା ଅଫିସ/ ଭଦ୍ରକ ଅଫିସ/କେନ୍ଦୁଝର, ୧୮।୧(ସ୍ୱ.ପ୍ର.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲାଗି ପ୍ରାର୍ଥିପତ୍ର ଦାଖଲର ଦ୍ୱିତୀୟ ଦିନରେ ମଙ୍ଗଳବାର ଉତ୍ତର ଓଡ଼ିଶାରେ ମୋଟ ୨୨୯୬ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ବାଲେଶ୍ୱର ଜିଲାରେ ୫୩୮ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ସେଥିମଧ୍ୟରୁ ୪୪ ସମିତିସଭ୍ୟ, ୫୪ ସରପଞ୍ଚ ଓ ୪୪୦ ୱାର୍ଡ଼ମେମ୍ବର ପ୍ରାର୍ଥୀ ଅଛନ୍ତି। ମୟୂରଭଞ୍ଜ ଜିଲାରେ ମୋଟ ୬୫୦ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସରପଞ୍ଚ ପଦବୀ ଲାଗି ୮୩, ସମିତି ସଭ୍ୟ ୫୪ ଏବଂ ୱାର୍ଡ ସଭ୍ୟ ପଦବୀ ଲାଗି ୫୧୩ଜଣ ପ୍ରାର୍ଥିପତ୍ର ଦାଖଲ କରିଥିବା ଜିଲା ପଞ୍ଚାୟତ ଅଧିକାରୀ ଭଗବାନ ଗୌଡ଼ା ପ୍ରକାଶ କରିଛନ୍ତି। ଭଦ୍ରକ ଜିଲାରେ ଦ୍ୱିତୀୟ ଦିନରେ ମୋଟ ୭୦୭ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରେ ୬ଜଣ ଜିଲାପରିଷଦ ସଭ୍ୟ ଅଛନ୍ତି। ସେମାନେ ହେଲେ ୨୨ନଂ.ଜୋନ୍‌ର ବିଏସ୍‌ପି ପ୍ରାର୍ଥୀ ଉର୍ବଶୀ ଜେନା ଓ ସୁସି ପ୍ରାର୍ଥୀ ପର୍ଶୁରାମ ଲେଙ୍କା, ୧ ନଂ.ଜୋନ୍‌ର ବିଜେଡି ପ୍ରାର୍ଥୀ ପ୍ରିନ୍ସ ରାକେଶ ନାୟକ, ୧୫ନଂ.ଜୋନ୍‌ର ବିଜେଡି ପ୍ରାର୍ଥୀ ପ୍ରଫୁଲ୍ଲ କୁମାର ଜେନା, ୨ ନଂ.ଜୋନ୍‌ର ସିପଏମ୍ ପ୍ରାର୍ଥୀ ବିକାଶ କୁମାର ନାଥ, ୨୩ନଂ.ଜୋନ୍‌ର ବିଏସ୍‌ପି ପ୍ରାର୍ଥୀ ସୁବାସ ଜେନା ନାମାଙ୍କନପତ୍ର ଦାଖଲ କରିଛନ୍ତି। ଜିଲାରେ ମୋଟ ୫୮୧ ଜଣ ୱାର୍ଡମେମ୍ବର, ୬୫ ଜଣ ସରପଞ୍ଚ ଓ ୫୫ ଜଣ ସମିତିସଭ୍ୟ ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି କେନ୍ଦୁଝର ଜିଲାରେ ୪୦୧ଜଣ ନାମାଙ୍କନ ଦାଖଲ କରିଛନ୍ତି। ଦ୍ୱିତୀୟ ଦିନରେ ଜଣେ ଜିଲା ପରିଷଦ ସଭ୍ୟ ସଦର ଉପଜିଲାପାଳଙ୍କ ପାଖରେ ନାମାଙ୍କନ ଦାଖଲ କରିଛନ୍ତି। ୫୬ଜଣ ସରପଞ୍ଚ, ୫ ଜଣ ସମିତିସଭ୍ୟ ଓ ୩୧୯ ଜଣ ଓାର୍ଡମେମ୍ବର ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି।

## ସହାନୁଭୂତିରେ ପୂରୁଛି ପେଟ

- ସହାୟତା ଅପେକ୍ଷାରେ ସରସ୍ୱତୀ
- ମୁଣ୍ଡ ଗୁଞ୍ଜିବାକୁ ଘର ନାହିଁ

କେନ୍ଦୁଝର,୧୮।୧(ସ୍ୱ.ପ୍ର.)



କେନ୍ଦୁଝର ସଦର ବ୍ଲକ ଅଧୀନ କଣ୍ଡରାପଶି ଗ୍ରାମରେ ରହୁଛନ୍ତି ଦିବ୍ୟାଙ୍ଗ ସରସ୍ୱତୀ ମୁଣ୍ଡା। ପିଲା ଦିନରୁ ସେ ପୋଲିଓରେ ଆକ୍ରାନ୍ତ । କାମ ଧନ୍ଦା କରିବାକୁ ଅକ୍ଷମ। ବାଡ଼ି ଧରି ବହୁ କଷ୍ଟରେ ଚଲାବୁଲା କରନ୍ତି। ୪ ବର୍ଷ ତଳେ ସେହି ଗ୍ରାମର ମୁନା ମୁଣ୍ଡାଙ୍କୁ ବିବାହ କରିଥିଲେ। ମୂଲ ମଜୁରୀରେ ସେମାନଙ୍କ ସଂସାର ଚଳୁଥିଲା। ପରେ ତାଙ୍କ ଅଭାବୀ ସଂସାରରେ ପାଦ ଦେଇଥିଲା ଏକ ଶିଶୁ କନ୍ୟା। ସରସ୍ୱତୀ ମା' ହେବାର ୫ ମାସ ପରେ ମୁନା ରୋଗରେ ପଡ଼ିଲେ। ଅର୍ଥାଭାବରୁ ତାଙ୍କ ଚିକିତ୍ସା ହୋଇପାରିଲା ନାହିଁ। ଶେଷରେ ସେ ଆଖି ବୁଜିଲେ। ସ୍ୱାମୀଙ୍କ ମୃତ୍ୟୁ ପରେ ୫ ମାସର ଶିଶୁକନ୍ୟାକୁ ଧରି ପୁଣି ଥରେ ଅସହାୟ ହୋଇ ପଡ଼ିଲେ ସରସ୍ୱତୀ । ଘାରିଥିଲା ତାଙ୍କୁ ପେଟ ପୋଷିବା ଚିନ୍ତା। ଅନ୍ୟର ସହାୟତା ଓ ସହାନୁଭୂତି ପାଇବାକୁ ଝିଅକୁ ସାଙ୍ଗରେ ଧରି ସେ ବାର ଦୁଆର ବୁଲି ଚାଲିଛନ୍ତି। ଘର ଭାଙ୍ଗିଯାଇଥିବାରୁ ବେସାହାରା ହୋଇ ସରସ୍ୱତୀ ଏବେ ତାଙ୍କ ଭଉଣୀ ଘରେ ଆଶ୍ରୟ ନେଇଛନ୍ତି। ଘର ଖଣ୍ଡେ ପାଇଁ ବ୍ଲକ କାର୍ଯ୍ୟାଳୟ, ଜିଲାପାଳଙ୍କ ଅଫିସ ଧାଇଁ ଧାଇଁ ନୟାନ୍ତ ହେଲେଣି। ୪ ଡିସିମିଲ ଘର ଡିହ ମିଳିବ ବୋଲି କୁହାଯାଇଥିଲେ ହେଁ ତାହା ତାଙ୍କୁ ମିଳି ନ ଥିବା ସରସ୍ୱତୀ କହିଛନ୍ତି। ବିଧବା ଭତ୍ତା ମଧ୍ୟ ମିଳିନାହିଁ। ମହିଳା ଓ କନ୍ୟା ସନ୍ତାନଙ୍କ ପାଇଁ ସରକାର ବହୁ ଯୋଜନା କାର୍ଯ୍ୟକାରୀ କରିଥିବା ବେଳେ ସରସ୍ୱତୀଙ୍କ ପାଇଁ ସେସବୁ ପ୍ରହସନ ପାଲଟିଛି। ଦିବ୍ୟାଙ୍ଗ ଭତ୍ତା ଟଙ୍କାରେ ଚଳିବା କଷ୍ଟକର ହୋଇଥିବା ବେଳେ ଏଥିପାଇଁ ମାଗି ଯାଚି ଚଳୁଛନ୍ତି ବୋଲି ସେ କୁହନ୍ତି। ନା ମିଳିଲା ଆଶା ବାଡି ନା ମିଳିଲା ଟ୍ରାଇସାଇକେଲ। ଯେଉଁ ବୟସରେ କୁନି ଝିଅ ଖେଳି ବୁଲି ଖୁସି ମନାଇବା କଥା ସେହି ବୟସରେ ମା' ସହ କୁନି କୁନି ପାଦରେ ପେଟପାଟଣା ପାଇଁ ଘୁରି ବୁଲୁଛି। କେନ୍ଦୁଝର ଜିଲାପାଳ ଏଥିପ୍ରତି ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ସଂକ୍ଷେପରେ

### ଦୁଧହଂସାରେ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ

**ବସ୍ତା, ୧୮।୧(ଡି.ଏନ.ଏ.):** ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ନିର୍ବାଚନ ତାରିଖ ଘୋଷଣା ପରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ବାଲେଶ୍ୱର ଜିଲା ବସ୍ତା ବ୍ଲକ ଦୁଧହଂସା ପଞ୍ଚାୟତ ସରପଞ୍ଚ ପ୍ରାର୍ଥିନୀଙ୍କ ସ୍ୱାମୀଙ୍କ ଦ୍ୱାରା ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରାଯାଉଥିବା ଭାଜପା କାର୍ଯ୍ୟକର୍ତ୍ତା ବ୍ଲକ ନିର୍ବାଚନ ଅଧିକାରୀ ବିଡିଓଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି। ମଙ୍ଗଳବାର ସୁନ୍ଦରହତା ରାଜସ୍ୱ ଗ୍ରାମର ବିନ୍ଧାଣୀସାହିଠାରେ ସରପଞ୍ଚଙ୍କ ସ୍ୱାମୀ ମନୋରଞ୍ଜନ ବିଶ୍ୱାଳ ବିଜେଡିର କେତେଜଣ କର୍ମୀଙ୍କୁ ନେଇ ସେଠାରେ ଏକ ଯୁଦ୍ଧକାଳୀନ ଭିତ୍ତିରେ ଉଜ୍ଜ୍ୱଳ ଆଲୋକ ପାଇଁ ଖୁଣ୍ଟ ପୋତି ଲାଇଟ୍ ବ୍ୟବସ୍ଥା କରିଛନ୍ତି। ଯାହା ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ ବୋଲି ଭାଜପା ଦାବି କରିଛି।

### ଟ୍ରାକ୍ଟର ତଳେ ଚାପି ହୋଇ ଡ୍ରାଇଭର ମୃତ

**ଖଇରା, ୧୮।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ନୂଆଗାଁ ବଡ ଗ୍ରାମରେ ମାଟି କାମ କରୁଥିବା ବେଳେ ମଦନ ମୁର୍ମୁ ନାମକ ଯୁବକ ଟ୍ରାକ୍ଟର ତଳେ ଚାପି ହୋଇ ମୃତ୍ୟୁବରଣ କରିଛନ୍ତି। ମଦନଙ୍କ ଘର କପ୍ତିପଦା ଅଞ୍ଚଳରେ। ଗୁରୁତର ଅବସ୍ଥାରେ ତାଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।

### ବେଆଇନ କୁକୁଡ଼ା ପଡ଼ାରେ ଚଢ଼ାଉ

**ପାଟଣା, ୧୮।୧(ସ୍ୱ. ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ବାଉଁଶୁଳି ପଞ୍ଚାୟତ ହୀରାପଶି ସାପ୍ତାହିକ ହାଟରେ ଚାଲିଥିବା ବେଆଇନ କୁକୁଡ଼ା ପଡ଼ା ଉପରେ ସୋମବାର ତୁରୁମୁଙ୍ଗା ପୋଲିସ ପକ୍ଷରୁ ଚଡାଉ କରି ଘେରି ଭାଙ୍ଗିବା ସହ ଜାଲ, ଖୁଣ୍ଟ ଓ ବାଡକୁ ଜାଳି ଦେଇଛନ୍ତି। ତେବେ ପୋଲିସ ପହଞ୍ଚିବା ବେଳକୁ ପଡା ମାଲିକ ସ୍ଥାନ ଛାଡି ଫେରାର ହୋଇଯାଇଥିବା ବେଳେ କୁକୁଡ଼ା ବାଜି ଧରିବାକୁ ଆସିଥିବା ଲୋକେ ଛତ୍ର ଭଙ୍ଗ ଦେଇଥିଲେ। ଏହି ଚଢ଼ାଉରେ ତୁରୁମୁଙ୍ଗା ଥାନା ଅଧିକାରୀ ମଦନ ମୋହନ ନାଏକ, ଏଏସଆଇ ନରେଶ ଓରାମ, ସୁଜାତା ମହାନ୍ତଙ୍କ ସହ ଥାନକା କର୍ମଚାରୀ ସାମିଲ ହୋଇଥିଲେ।

### କୂଅରୁ ମିଳିଲା ନିଖୋଜ ବୃଦ୍ଧଙ୍କ ମୃତଦେହ

**ଖୁଣ୍ଟା/କୁଆମରା,୧୮।୧(ଡି.ଏନ.ଏ.):** ଖୁଣ୍ଟା ଥାନା ଅଧୀନ ମହୁଲିସାହି ଗ୍ରାମସ୍ଥିତ ଏକ କୂଅ ମଧ୍ୟରୁ ନିଖୋଜ ଥିବା ଜଣେ ବୃଦ୍ଧଙ୍କ ମୃତଦେହକୁ ମଙ୍ଗଳବାର ପୋଲିସ ଜବତ କରିଛି। ମୃତକ ହେଲେ ତାଳକୁଣ୍ଡା ଗ୍ରାମର ରଥ ସିଂ। ପରିବାର ଲୋକଙ୍କ କହିବା ଅନୁଯାୟୀ ଗତ ୧୫ ତାରିଖରେ ମକର ପର୍ବ ଅବସରରେ ସେ ଘରୁ ବାହାରି ଯାଇଥିବା ବେଳେ ଫେରି ନ ଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୩/୨୨) ରୁଜୁ ହୋଇଛି।

### ୨ ମଦ ବ୍ୟବସାୟୀ ଗିରଫ

**ପାଟଣା,୧୮।୧(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ଅବକାରୀ ଥାନା ଓ ଘଟଗାଁ ଅବକାରୀ ପୋଲିସ ପକ୍ଷରୁ ପାଟଣା ଥାନା ମାଛଗଡ଼, କାଳିଆ ଦୁମା, ଗୋ ରାସ, ବ୍ରାହ୍ମଣୀବେଡା ଓ ଗଧିନାଳୀରେ ଚଢ଼ାଉ କରି ମୋଟ ୧୨୦ ଲିଟର ମହୁଲି ମଦ ଜବତ ସହ ସମ୍ପୃକ୍ତ ୨ଅଭିଯୁକ୍ତଙ୍କୁ ଅବକାରୀ ପୋଲିସ ଗିରଫ କରିଛି। ସେମାନେ ହେଲେ କାଳିଆ ଦୁମାର ରବି ବେହେରା ଓ ସୁନାରୀ ପଶିର ନିତ୍ୟାନନ୍ଦ ମଣ୍ଡଳ। ଏହି ଚଢ଼ାଉରେ ପାଟଣା ଅବକାରୀ ଅଧିକାରୀ ଜନାର୍ଦ୍ଦନ ପଲେଇ, ଘଟଗାଁ ଅବକାରୀ ଅଧିକାରୀ କୃଷ୍ଣ ଚନ୍ଦ୍ର ପରିଡା ଓ ମୋବାଇଲ ସ୍କ୍ୱାଡ ସାମିଲ ଥିଲେ।

### ଜଳିଗଲା ଗୁଡ଼ ଦୋକାନ

**ଭଦ୍ରକ ଅଫିସ, ୧୮।୧:** ଭଦ୍ରକ ଜିଲା ଧାମନଗର ଥାନା ଅଧୀନ ଭଗବାନପୁର ବଜାରରେ ଥିବା ଏକ ଦୋକାନ ଗୃହରେ ସୋମବାର ବିଳମ୍ବିତ ରାତିରେ ଏକ ଗୁଡ଼ ଦୋକାନରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ଜିନିଷପତ୍ର ନଷ୍ଟ ହୋଇଯାଇଛି। ସୂଚନା ଅନୁଯାୟୀ ସୋମବାର ରାତିରେ ବିମ୍ବାଧର ପ୍ରଧାନ ତାଙ୍କ ଗୁଡ଼ ଦୋକାନ ବନ୍ଦ କରି ଘରକୁ ଯିବା ପରେ କୌଣସି କାରଣ ବଶତଃ ନିଆଁ ଲାଗିଥିଲା। ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ଧାମନଗର ଅଗ୍ନିଶମ ବିଭାଗ ଆସି ନିଆଁକୁ ଆୟତ୍ତ କରିଥିଲେ ମଧ ଚାଳଛପର ଘର ଥିବାରୁ ସମ୍ପୂର୍ଣ୍ଣ ପୋଡ଼ି ଜଳି ନଷ୍ଟ ହୋଇଯାଇଛି। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି।

# 'କେବଳ ସଂରକ୍ଷଣ ନୁହେଁ, ସାମଗ୍ରିକ ବିକାଶ ଅପରିହାର୍ଯ୍ୟ'

**ଜଳେଶ୍ୱର, ୧୮।୧(ଡି.ଏନ.ଏ.)**

ସ୍ୱାଧୀନତାର ୭୫ବର୍ଷରେ ଆଦିବାସୀଙ୍କ ଉନ୍ନତି ଓ ବିକାଶ ସମ୍ପର୍କରେ କୌଣସି ସରକାର ଚିନ୍ତା କରି ନ ଥିବା ବେଳେ କେନ୍ଦ୍ରରେ ଭାଜପା ସରକାର ୧୩ବର୍ଷ ମଧ୍ୟରେ ସେମାନଙ୍କ ଉନ୍ନତି ଲାଗି ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି। ସେମାନଙ୍କର ଶିକ୍ଷା ଓ ସାମଗ୍ରିକ ବିକାଶ ବିନା ଜାତୀୟ ବିକାଶ ଅସମ୍ଭବ । ଏଥିଲାଗି ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି ବୋଲି ମଙ୍ଗଳବାର କେନ୍ଦ୍ର ଆଦିବାସୀ କଲ୍ୟାଣ ଓ ଜଳଶକ୍ତି ରାଷ୍ଟ୍ର ମନ୍ତ୍ରୀ ବିଶେଶ୍ୱର ଟୁଡୁ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଖୁଦିଆ ମାଝିସାହି ପଞ୍ଚାୟତ ଆଡ଼ିଆସାହିଠାରେ ବୀର ବିର୍ସା ମୁଣ୍ଡାଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତିକୁ ଲୋକାର୍ପଣ ଅବସରରେ କହିଛନ୍ତି। ସେ କହିଥିଲେ ଯେ, ଭାଜପା ସରକାର ସମୟରେ ଆଦିବାସୀଙ୍କ ଶିକ୍ଷାର ବିକାଶ ଲାଗି ୮୭ ଏକଲବ୍ୟ ବିଦ୍ୟାଳୟ ଏବଂ ବିକାଶ ଲାଗି ୩୩୭୩ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ରାଇବଣିଆ ଅଞ୍ଚଳରେ ଆବାସିକ ବିଦ୍ୟାଳୟ, ଶୀତଳଭଣ୍ଡାର ପ୍ରତିଷ୍ଠା, ଓଲଚିକିର ଜନକ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଲାଗି ଚେଷ୍ଟା କରାଯାଉଥିବା କେନ୍ଦ୍ରମନ୍ତ୍ରୀ କହିଥିଲେ। ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ଅତିଥି ଭାବେ ଯୋଗଦେଇ ବ୍ରିଟିଶ୍ ଶାସନ କାଳରେ ଆଦିବାସୀ ନେତା ବିର୍ସା ମୁଣ୍ଡା, ବକ୍ସି ଜଗବନ୍ଧୁ, ଜୟୀ ରାଜଗୁରୁଙ୍କର ସଂଗ୍ରାମକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି କହାଯାଉଥିବା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ବିର୍ସା ମୁଣ୍ଡା ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ଉତ୍ସବରେ ବିପ୍ଳବ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ଏଥିରେ ଶାନ୍ତନୁ ପଟ୍ଟନାୟକ ବକ୍ତବ୍ୟ ରଖିଥିବା ବେଳେ ପୂର୍ବତନ ନଗରପାଳ ପ୍ରବୀର ପ୍ରଧାନ, ଅରୁଣ ବେଜ, ଫାଲଗୁନୀ ପାଣିଗ୍ରାହୀ, ସୁମତୀ ଦେ, ସାବିତ୍ରୀ ଜେନା ମଞ୍ଚାସୀନ ଥିଲେ। ପୂର୍ବତନ ସାମରିକ କର୍ମଚାରୀ ରାଜେନ୍ଦ୍ର ସିଂ ଧନ୍ୟବାଦ ଦେବା ସହ ଆଦିବାସୀଙ୍କ ଛାତ୍ରୀଛାତ୍ରଙ୍କ ଲାଗି ସେବାଶ୍ରମ ପ୍ରତିଷ୍ଠା ଓ ରାଖାଲ ଚନ୍ଦ୍ର ସିଂଙ୍କ ପ୍ରତିମୂର୍ତ୍ତି ଲାଗି ଦାବି କରିଥିଲେ ।



ଲୋକାର୍ପିତ ହୋଇଥିବା ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି।


ଲୋକାର୍ପଣ ଉତ୍ସବରେ ଉପସ୍ଥିତ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ, ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ଓ ଅନ୍ୟମାନେ।

**ବିର୍ସା ମୁଣ୍ଡା ପ୍ରତିମୂର୍ତ୍ତି ଲୋକାର୍ପିତ**

## ୨ କର୍ମଚାରୀ ସଂକ୍ରମିତ, ବ୍ୟାଙ୍କ ବନ୍ଦ

**ବୈଶିଙ୍ଗା,୧୮।୧(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବୈଶିଙ୍ଗାସ୍ଥିତ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାର ଦୁଇ କର୍ମଚାରୀ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ତେଣୁ ଗ୍ରାହକଙ୍କ ସୁରକ୍ଷା ଦୃଷ୍ଟିରୁ ୩ ଦିନ ହେଲା ବ୍ୟାଙ୍କ ବନ୍ଦ ରହିଛି। ଫଳରେ ଏହି ବ୍ୟାଙ୍କ ଉପରେ ନିର୍ଭର କରୁଥିବା ଗ୍ରାହକମାନେ ହଇରାଣ ହେଉଛନ୍ତି। ତେବେ ବ୍ୟାଙ୍କରେ ଭିଡ଼ କମାଇବା ଲାଗି ଅଧିକ କାଉଣ୍ଟର ଖୋଲାଯିବା, ସାନିଟାଇଜ୍ କରାଯିବା ଦିଗରେ ପଦକ୍ଷେପ ନେଲେ ମହାମାରୀ ସଂକ୍ରମଣ ଯୋଗୁ ବ୍ୟାଙ୍କକୁ ବନ୍ଦ ରଖିବାକୁ ପଡ଼ନ୍ତା ନାହିଁ ବୋଲି ମତପ୍ରକାଶ ପାଉଛି।

## ହଟୁନି ବ୍ୟାନର, ହୋର୍ଡିଂ




**ଆନନ୍ଦପୁର,୧୮।୧(ସ୍ୱ.ପ୍ର.)**

ଚଳିତ ପଞ୍ଚାୟତ ନିର୍ବାଚନ ଘୋଷଣା ହେବାପରେ ନିର୍ବାଚନ ଅଧିକାରୀଙ୍କ ତରଫରୁ ଲାଗୁ ହୋଇଥିବା କଟକଣା ମୁତାବକ ସରକାରୀ ପ୍ରଚାର ପ୍ରସାର ପାଇଁ ସର୍ବସାଧାରଣ ସ୍ଥାନରେ ଲାଗିଥିବା ହୋର୍ଡିଂ,ପୋଷ୍ଟର ଓ ବ୍ୟାନରକୁ ହଟାଇବା ପାଇଁନିର୍ଦ୍ଦେଶନାମା ଜାରିହୋଇଛି। ନିର୍ବାଚନ ଆଚରଣ ବିଧି ଲାଗୁ ହୋଇସାରିଛି। ଏପରିକି ନାମାଙ୍କନ ପତ୍ର ଦାଖଲର ଦ୍ୱିତୀୟ ଦିନ ମଧ ସରିଛି। ହେଲେ ଏଯାଏ ଆନନ୍ଦପୁରର ବିଭିନ୍ନ ଅଞ୍ଚଳରେ ଥିବା ଛକ ବଜାରରେ ସରକାରୀ ଯୋଜନାର ପ୍ରଚାର ପତ୍ର ଲାଗିଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ସରକାରୀ କଟକଣାକୁ ଉଲ୍ଲଂଘନ କରାଯାଉଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଭୋଟରଙ୍କୁ ପ୍ରଭାବିତ କରିବା ଭଳି ସରକାରୀ ଯୋଜନାର ପ୍ରଚାର ପତ୍ର ନିର୍ବାଚନ ଆଚରଣବିଧିର ଖୋଲାଖୋଲି ଉଲ୍ଲଂଘନ ସଦୃଶ ପରିଲକ୍ଷିତ ହେବା ପରିତାପର ବିଷୟ ବୋଲି ଲୋକେ ଅଭିଯୋଗ କରିଛନ୍ତି।

## ଗାଁ ସମସ୍ୟା ନେଇ ରାସ୍ତାରେ ଯୁବତୀ

**କେନ୍ଦୁଝର,୧୮।୧(ସ୍ୱ.ପ୍ର.)**

ବାରମ୍ବାର ଗୁହାରି ସତ୍ତ୍ୱେ ଗାଁର ସମସ୍ୟା ସୁଧୁରିଲାନି। ନେତାଙ୍କଠାରୁ ପ୍ରଶାସନିକ ଅଧିକାରୀଙ୍କ ପର୍ଯ୍ୟନ୍ତ କେହି ଏଥିପ୍ରତି ଗୁରୁତ୍ୱ ଦେଲେ ନାହିଁ। ଶେଷରେ ନିରୁପାୟ ହୋଇ ଜଣେ ସଚେତନଶୀଳ ଯୁବତୀ ସମସ୍ୟା ସୁଧାରିବାକୁ ଅଣ୍ଟା ଭିଡ଼ିଛନ୍ତି। ମଙ୍ଗଳବାର ସକାଳେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା ଉପରେ ଧାରଣାରେ ବସି ସମସ୍ୟା ସମାଧାନ ପାଇଁ ସେ ଅଡ଼ି ବସିଥିଲେ। ଗାଁ ପ୍ରତି ତାଙ୍କ ଭଲ ପାଇବା ଦେଖି ଜିଲାପାଳ ଆଶିଷ ଠାକ୍‌ରେ ତୁରନ୍ତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେବା ପରେ ସେ ଧାରଣାରୁ ଉଠିଥିବା ଜଣାପଡ଼ିଛି। ମା'ବାପାଙ୍କୁ ହରାଇ ଏକାକୀ ଜୀବନ କାଟୁଥିବା ଏହି ଯୁବତୀ ଜଣକ ହେଲେ ଜାନକୀ ନାୟକ। ତାଙ୍କ ଘର କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ ବଡବିଲ ପଞ୍ଚାୟତ ଅଧୀନ ଟଭାସରୁଆ ଗ୍ରାମ ତଳ ସାହିରେ। ଗତ କିଛି ବର୍ଷ ହେଲା ଗାଁ ସମସ୍ୟା ନେଇ ସେ ଏହିଭଳି ସ୍ୱର ଉତ୍ତୋଳନ କରି ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଛନ୍ତି।

ଜାନକୀଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ସାହିରେ ୮ ଗରିବ ପରିବାର ରହୁଛନ୍ତି। ସାହିରେ ପାନୀୟ ଜଳ ସମସ୍ୟା ସାଙ୍ଗକୁ ବିଦ୍ୟୁତ୍ ସମସ୍ୟା ରହିଥିଲେ ହେଁ ସମାଧାନ ହେଉନାହିଁ। ସାହିକୁ ସବୁଦିନିଆ ରାସ୍ତାଟିଏ ମଧ ନାହିଁ। ପାଣି ସୁବିଧା ନ ଥିବାରୁ ଲୋକେ ପାଖ ଖଜୁରିଡିହା ନାଳରୁ ପାଣି ବ୍ୟବହାର କରିବାକୁ ବାଧ ହେଉଛନ୍ତି। ଗତ ବର୍ଷ ଉକ୍ତ ଗ୍ରାମରେ ଥିବା ସୋଲାର ପାଣି ଟାଙ୍କିରେ ଜଣେ ଅଣଆଦିବାସୀ ମଳତ୍ୟାଗ କରିଦେବାରୁ ସାହିର ଲୋକେ ଅକଥନୀୟ ସମସ୍ୟା ଭୋଗିଥିଲେ। ଏନେଇ ସେ ଥାନାରେ ଲିଖିତ ଅଭିଯୋଗ ମଧ କରିଥିଲେ। ଯାହାକୁ ନେଇ ବିବାଦ ଦେଖାଦେଇଥିଲା। ପରେ ମଳତ୍ୟାଗ କରିଥିବା ବ୍ୟକ୍ତି ଜଣକ ଚୁକ୍ତିନାମା ଲେଖି ଉକ୍ତ ସ୍ଥାନ ସଫା କରିବା ସହ ଜରିମାନା ଦେଇଥିଲେ ବୋଲି ଜାନକୀ କହିଛନ୍ତି। ଅନାଥ ଜାନକୀ ବାଡ଼ିବଗିଚା କାମ କରି ଚଳନ୍ତି। ତେବେ ଗାଁ ଲୋକଙ୍କ ହିତ ପାଇଁ ସେ ଏହିଭଳି ପ୍ରୟାସ ଜାରି ରଖିବେ ବୋଲି କହିଛନ୍ତି।


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା ଉପରେ ଧାରଣାରେ ବସିଥିବା ଜାନକୀ।

## ଯୁବ, ନୂଆ ଚେହେରାକୁ ପ୍ରାଧାନ୍ୟ

**ଘୋଷଣା ହେଲା ବିଜେଡିର ୧୦ ଜିଲାପରିଷଦ ପ୍ରାର୍ଥୀଙ୍କ ନାମ**

**ବାରିପଦା ଅଫିସ,୧୮।୧**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲାଗି ମୟୂରଭଞ୍ଜ ଜିଲାର ୫୬ଟି ଜିଲାପରିଷଦ ଆସନ ମଧ୍ୟରୁ ବିଜେଡି ପକ୍ଷରୁ ୧୦ଟି ଆସନ ପାଇଁ ଦଳୀୟ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇଛି। ସେଥିମଧ୍ୟରୁ ଅଧିକାଂଶ ଯୁବବର୍ଗର ଓ ନୂଆ ଚେହେରା ରହିଥିବା ବେଳେ ଯୁବ ବିଜେଡିର କର୍ମକର୍ତ୍ତା ଏବଂ ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ସଭାନେତ୍ରୀଙ୍କୁ ପ୍ରାଧାନ୍ୟ ଦିଆଯାଇଛି ।

ବାରିପଦା ବିଧାନସଭା ନିର୍ବାଚନ ମଣ୍ଡଳୀର ବାରିପଦା ଓ ଖୁଣ୍ଟା ବ୍ଲକର ୪ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ଖୁଣ୍ଟା ବ୍ଲକ ୧୨ନଂ. ଜୋନ ପାଇଁ ହୃଦାନନ୍ଦ ମୁର୍ମୁ, ୧୩ନଂ. ପାଇଁ ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ସଭାନେତ୍ରୀ ସୁନିତା ମାରାଣ୍ଡି, ବାରିପଦା ସଦର ବ୍ଲକର ୨୯ନଂ. ଜୋନ୍ ପାଇଁ ସତ୍ୟଭାମା ମହାନ୍ତ ଓ ୩୦ନଂ. ଜୋନ୍ ପାଇଁ ନରେନ୍ଦ୍ର ହାଁସଦାଙ୍କ ନାମ ଘୋଷଣା କରାଯାଇଛି। ସେହିପରି ବଡ଼ସାହି ନିର୍ବାଚନ ମଣ୍ଡଳୀର ୨୩ନଂ. ଜୋନ୍ ପାଇଁ ପୂର୍ବତନ ମନ୍ତ୍ରୀ ଗୋଲକ ବିହାରୀ ନାଏକଙ୍କ ପତ୍ନୀ ସୁବାସିନୀ ନାଏକ, ୩୫ନଂ. ପାଇଁ ପୂର୍ବତନ ଜିଲାପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ ଓ ୩୬ନଂ. ଆସନ ପାଇଁ ସବିତା ଦାସ, ସାରସକଣା ନିର୍ବାଚନମଣ୍ଡଳୀର ୧୧ନଂ. ଜୋନ ପାଇଁ ରାମଚନ୍ଦ୍ର ମୁର୍ମୁ, ୩୧ନଂ. ଜୋନ ପାଇଁ ପାର୍ବତୀ ଟୁଡୁ ଓ ୩୨ନଂ. ଜୋନ ପାଇଁ ନିମାଇଁ ଚରଣ ମୁର୍ମୁଙ୍କ ନାମ ପ୍ରକାଶ ପାଇଛି। ଏହି ସମସ୍ତ ପ୍ରାର୍ଥୀ ବୁଧବାର ନାମାଙ୍କନ ପତ୍ର ଦାଖଲ କରିବେ ବୋଲି ଜଣାପଡ଼ିଛି ।

## ହାତୀ ଉଜାଡ଼ିଲେ ଫସଲ



**ପାଟଣା,୧୮।୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ରେଞ୍ଜ ସାହାରପଡା ସେକ୍ସନ ମାଛଗଡ଼ ବିଟ ଅଞ୍ଚଳକୁ କିଛି ଦିନ ବ୍ୟବଧାନ ପରେ ପୁଣି ସୋମବାର ବିଳମ୍ବିତ ରାତିରେ ୭ ଟିକିଆ ବଣୁଆ ହାତୀପଲଙ୍କ ପ୍ରବେଶ ସହ ଉପଦ୍ରବ ଦେଖିବାକୁ ମିଳିଛି। ଏହି ୭ ଟିକିଆ ହାତୀ ପଲରେ ୧ ଦନ୍ତା, ୪ ମାଈ ଓ ୨ ଛୁଆ ହାତୀ ରହିଛନ୍ତି। ହାତୀପଲ ଠାକୁରମୁଣ୍ଡା ରେଞ୍ଜରୁ ଆସି ମାଛଗଡ଼ ବିଟ୍‌ର ହିଞ୍ଜଳଗାଡ଼ିଆ, ଝିଞ୍ଚିରିନାଳୀ, ନୟା ଜଗନ୍ନାଥ ପୁର, କଣ୍ଡିହା, ଟୁଆପାଣି ଗ୍ରାମରେ କୋବି ବାଇଗଣ ଓ ବିଲାତି ଆଦି ବ୍ୟାପକ ପନିପରିବା ଚାଷ ନଷ୍ଟ କରିବା ସହ ଟୁଆପାଣି ଗ୍ରାମର ଅକ୍ଷୟ କୁମାର ମହାନ୍ତଙ୍କ କଚା ଘରକୁ ଭାଙ୍ଗିଦେଇଛନ୍ତି। ହାତୀପଲ ଏବେ ମୟୂରଭଞ୍ଜ ଜିଲା କରଞ୍ଜିଆ ରେଞ୍ଜ ଟିକାସିଲ ଜଙ୍ଗଲରେ ଡେରା ପକାଇଥିବା ରେଞ୍ଜର ଟିକେଶ୍ୱର ମହାନ୍ତ ସୂଚନା ଦେଇଛନ୍ତି।

## ଅଙ୍ଗନୱାଡି ଜମି ଜବରଦଖଲକୁ ବିରୋଧ


ସିଡିପିଓ ସୀତା ମୁର୍ମୁଙ୍କୁ ଭେଟିବାକୁ ଆସିଥିବା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନେ।

**ଚମ୍ପୁଆ,୧୮।୧(ଡି.ଏନ.ଏ)**

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭଣ୍ଡା ପଞ୍ଚାୟତର ବାସୁଦେବପୁର ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ରର ଜମି ଜବର ଦଖଲକୁ ବିରୋଧ କରିଛନ୍ତି। ଏନେଇ ମଙ୍ଗଳବାର ବୃନ୍ଦାବତୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଚମ୍ପୁଆ ଉପଜିଲାପାଳ, ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଜବର ଦଖଲ ହଟାଇବା ପାଇଁ ସିଡିପିଓ ସୀତା ମୁର୍ମୁଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ପୂର୍ବରୁ ଉକ୍ତ ଅଙ୍ଗନୱାଡି କେନ୍ଦ୍ରର ପରିସରକୁ ଲାଗି ପାଚେରି ନିର୍ମାଣ ପାଇଁ ପ୍ରସ୍ତାବ ହୋଇଥିଲେ ହେଁ ତାହା ଏଯାଏ ନିର୍ମାଣ ହୋଇ ପାରି ନାହିଁ। ଏହି ଅଙ୍ଗନ ୱାଡି ପରିସରରେ ବେଆଇନ ଜବରଦଖଲ କରାଯାଉଛି। ଏହାକୁ ତୁରନ୍ତ ହଟାଇବା ପାଇଁ ମହିଳାମାନେ ଅନୁରୋଧ କରିଥିଲେ। ଏସମ୍ପର୍କରେ ସିଡିପିଓ ମୁର୍ମୁ ଏବଂ ତହସିଲଦାର ଡ. ସାଇସସ୍ମିତା ହୋତାଙ୍କୁ ପଚାରିବାରୁ ଆରଆଇଙ୍କ ଦ୍ୱାରା ଘଟଣାର ତଦନ୍ତ କରାଯିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ସିଡିପିଓଙ୍କ ଦ୍ୱାରସ୍ଥ ସ୍ୱୟଂସହାୟକ ଗୋଷ୍ଠୀ**

## ୭ ବର୍ଷ ତଳର ବ୍ୟାନରରେ ପ୍ରତିଶ୍ରୁତିକୁ ନେଇ ଚର୍ଚ୍ଚା

**ଆରଡ଼ି, ୧୮।୧(ଡି.ଏନ.ଏ.)**

୨୦୧୪ରେ ଚାନ୍ଦବାଲି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ବ୍ୟୋମକେଶ ରାୟ ଜିତିଥିଲେ। ସେହି ବର୍ଷ ଆରଡି, ଧାମରା ଓ ଚାନ୍ଦବାଲିର ବିଭିନ୍ନ ସ୍ଥାନରେ ବିଧାୟକଙ୍କ ପ୍ରତିଶ୍ରୁତି ବ୍ୟାନର ଦେଖିବାକୁ ମିଳିଥିଲା। ଏହି ବ୍ୟାନରରେ ତତ୍କାଳୀନ ଭଦ୍ରକ ଏମ.ପି. ଅର୍ଜୁନ ଚରଣ ସେଠୀ ଓ ପୂର୍ବତନ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ରଙ୍କ ଫଟୋ ରହିଥିଲା। ଧାମରାରୁ ଚାନ୍ଦବାଲି, ଚାନ୍ଦବାଲିରୁ ଆରଡ଼ି ସଡ଼କ ପଥରେ ଯୋଡ଼ିହେବ ବୋଲି ଉକ୍ତ ବ୍ୟାନରରେ ଉଲ୍ଲେଖ ଥିଲା। ଅର୍ଥାତ ଧାମରାରେ ମନ୍ତେଇ ନଦୀରେ ସେତୁ ଓ ତିନିତରଠାରେ ସାଳନ୍ଦୀ ନଦୀରେ ସେତୁ ପ୍ରତିଷ୍ଠା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଇତି ମଧ୍ୟରେ ୭ ବର୍ଷ ଅତିକ୍ରାନ୍ତ ହୋଇ ସାରିଲାଣି। ହେଲେ ଏହି ୨ ଟି ସ୍ଥାନରେ ସେତୁ ପ୍ରତିଷ୍ଠା ହୋଇ ପାରିଲା ନାହିଁ। ଯାହାକି ସମାଲୋଚନା ପାଇଁ ବିରୋଧୀଙ୍କୁ ଖୋରାକ ଯୋଗାଇଛି। ଚଳିତ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଏହି ପ୍ରତିଶ୍ରୁତିପୂର୍ଣ୍ଣ ବ୍ୟାନର ଫଟୋ ସୋସିଆଲ ମିଡିଆରେ ଘୁରି ବୁଲୁଛି। ଚାନ୍ଦବାଲିର ଏକ ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତିନିତର ସେତୁର ଶିଳାନ୍ୟାସ କରିଥିଲେ ବି ତାହା ଅଦ୍ୟାବଧି କାର୍ଯ୍ୟକାରୀ ନ ହେବା ଚର୍ଚ୍ଚାର ବିଷୟ ପାଲଟିଛି।



ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ପ୍ରତିଶ୍ରୁତି ବ୍ୟାନର।

## ଫେଲ୍ ମାରିଛି ଜାଗା ମିଶନ: ପଟ୍ଟା ବଦଳରେ ପଲିଥିନ

**ଜଳେଶ୍ୱର, ୧୮।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକରେ ମୋଟ ଜନସଂଖ୍ୟାର ପ୍ରାୟ ୪୨ଭାଗ ଲୋକ ଅନୁସୂଚିତ ଜନଜାତି, ଜାତିର ହୋଇଥିବା ବେଳେ ବହୁ ପରିବାର ଜଙ୍ଗଲଜମିରେ ବାସ କରୁଛନ୍ତି। ବର୍ଷ ବର୍ଷ ଧରି ସେମାନେ ଗୋଟିଏ ସ୍ଥାନରେ ରହିଆସୁଥିଲେ ମଧ ସେମାନଙ୍କ ନାମରେ ପଟ୍ଟା ନାହିଁ । ଫଳରେ ସେମାନେ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ପାଇପାରୁନାହାନ୍ତି। ଏହାସହ ବହୁ ସରକାରୀ ସୁବିଧା ପାଇବାରୁ ବଞ୍ଚିତ ହେବା ସହ ସେମାନଙ୍କ ପିଲାମାନେ ଉଚ୍ଚଶିକ୍ଷାରୁ ବାଦ୍ ପଡୁଛନ୍ତି। ସେମାନଙ୍କୁ ବର୍ଷକୁ କେବଳ ଖଣ୍ଡିଏ ପଲିଥିନ ଦେଇ କାମ ସାରିଦିଆଯାଉଛି। ଜଳେଶ୍ୱର ବ୍ଲକର ଲୋକସଂଖ୍ୟା ପ୍ରାୟ ୨ଲକ୍ଷ ୪ହଜାର। ଏଥିରୁ ୮୫ହଜାର ଲୋକେ ଆଦିବାସୀ ଓ ହରିଜନ ଶ୍ରେଣୀର । ଏମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ନାମରେ ପଟ୍ଟା ନାହିଁ। ନଦୀତଟ ଶିଖରପୁର ପଞ୍ଚାୟତ ବଜାରଶୋଳ ଗାଁର ବହୁ ଲୋକ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଆସୁଛନ୍ତି । ଗ୍ରାମର ବହୁ ବ୍ୟକ୍ତି ପଲିଥିନ ତଳେ ଦୟନୀୟ ଅବସ୍ଥାରେ ରହିଛନ୍ତି। ବର୍ଷା ହେଲେ ଅନ୍ୟ କାହା ଘରେ ଆଶ୍ରୟ ନେଉଛନ୍ତି। ଗ୍ରାମର ସାଗର ମାହାଲି, ମଣ୍ଟୁ ମହାଲି, ଶ୍ୟାମସୁନ୍ଦର ପ୍ରଧାନ ପଲିଥିନ ତଳେ ବାସ କରୁଥିବା ବେଳେ ଝାଟିମାଟିରେ ବାଡ଼ ଦେଇଛନ୍ତି। ଏମାନଙ୍କୁ ରାଶନକାର୍ଡ ଓ ବାର୍ଦ୍ଧକ୍ୟ ଭତ୍ତା ମିଳୁଥିବା ବେଳେ ଜମିର ପଟ୍ଟା ମିଳୁ ନ ଥିବାରୁ ଆବାସ ଯୋଜନାର ସୁଫଳ ଏମାନେ ପାଇପାରୁନାହାନ୍ତି। ସେହି ଗାଁର ଜେଠମଲ ବିନ୍ଧାଣୀ ପକ୍ଷାଘାତ ରୋଗରେ ପୀଡିତ ଥିବା ବେଳେ ରଞ୍ଜନ ସେନାପତି, ମଧୁସୂଦନ ସେନାପତି, ତାରାପଦ ମହାଲି, ଶଙ୍କର ବିନ୍ଧାଣୀ, ବୁଦ୍ଧିଆ ବିନ୍ଧାଣୀ ଓ ତପନ ବିନ୍ଧାଣୀ ଘର ଖଣ୍ଡିଏ ଲାଗି ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ଉଲ୍ଲେଖଯୋଗ୍ୟ, ଜଳେଶ୍ୱର ତହସିଲରେ ଅଦ୍ୟାବଧି ଜାଗା ମିଶନରେ ୧୨୦୬ ଜଣଙ୍କୁ ଜମିପଟ୍ଟା ଦିଆଯାଇଥିବା ବେଳେ ବହୁ ବ୍ୟକ୍ତି ଆବେଦନ କରି ସେଥିରୁ ବଞ୍ଚିତ ରହିଛନ୍ତି। ଅନ୍ୟ କେତେକଙ୍କୁ ପଟ୍ଟା ମିଳିଥିବା ବେଳେ ସ୍ଥାନଟି ତାଙ୍କ ଦଖଲକୁ ଆସିପାରି ନାହିଁ।


ପଲିଥିନ ଘର ଆଗରେ ମଣ୍ଟୁ ମହାଲି।

## ଚନ୍ଦ୍ରଶେଖରଙ୍କ କ୍ଷୀରାଭିଷେକ

**ଚମ୍ପୁଆ, ୧୮।୧(ଡି.ଏନ.ଏ)**

କେନ୍ଦୁଝର ଜିଲା ଚମ୍ପୁଆ ସଦର ମହକୁମାରେ ଥିବା ଚନ୍ଦ୍ରଶେଖର ମହାଦେବ ମନ୍ଦିରରେ ମହାପ୍ରଭୁ ଚନ୍ଦ୍ର ଶେଖରଙ୍କ କ୍ଷୀରାଭିଷେକ ଉତ୍ସବ ଯଥା ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର କମିଟି ପକ୍ଷରୁ ଅନୁଷ୍ଠିତ ଏହି ଉତ୍ସବ ସକାଳ ୮ଟାରୁ ଆରମ୍ଭ କରାଯାଇ ଦିନ ୧ଟା ରେ ଶେଷ କରାଯାଇଥିଲା। ପୌଷ ମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ (ରବିବାର) ଦିନ ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ କଟକଣା ଅନୁସାରେ ଚନ୍ଦ୍ରଶେଖରଙ୍କ ଉପରେ କ୍ଷୀର ଢାଳି ଏହା ପାଳନ କରିଥିଲେ। ପୂଜକ ଅନିଲ ମିଶ୍ରଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିବା ବେଳେ କମିଟି ସଦସ୍ୟ ଅଭୟ ଦାସ, ଅମିତାଭ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

